# ଯୁବକଙ୍କ ଗଳିତ ଶବ ଉଦ୍ଧାର; ଆତ୍ମହତ୍ୟା ସନ୍ଦେହ

ଖଲ୍ଲିକୋଟ,୪।୪(ସମିସ)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ମା'ନାରାୟଣୀଙ୍କ ପୀଠକୁ ଯିବା ରାସ୍ତାରୁ ଜଣେ ଯୁବକଙ୍କ ଗଳିତ ଶବ ଉଦ୍ଧାର କରିଛି ପୁଲିସ। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ମୃତ ଯୁବକ ଜଣକ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୀର ଜଗନ୍ନାଥପୁର ଶାସନ ଗ୍ରାମର ସୁନୀଲ କୁମାର ମହାପାତ୍ର (୩୨) ବୋଲି ପୁଲିସ କହିଛି। ସୁନୀଲ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବିକ୍ରମପୁର ଗ୍ରାମରେ ବିବାହ କରିଥିଲେ। ସୁନୀଲ ଓ ତାଙ୍କ ପତ୍ନୀ ଉଭୟେ ବ୍ରହ୍ମପୁର ପୋଷ୍ଟ ଅଫିସରେ ଚାକିରି କରୁଥିବାରୁ ସେମାନେ ବ୍ରହ୍ମପୁର ଠାରେ ଏକ ଘର ଭଡ଼ା ନେଇ ରହୁଥିଲେ। ତେବେ ପତି-ପତ୍ନୀଙ୍କ ମଧ୍ୟରେ ସବୁବେଳେ ପାରିବାରିକ କଳହ ଲାଗି ରହୁଥିଲା। ଏଥିରେ ଅତିଷ୍ଠ ହୋଇ ସୁନୀଲ ଘରୁ କୁଆଡେ ଚାଲି ଯାଇଥିଲେ। ତାଙ୍କୁ ନ ପାଇ ପତ୍ନୀ ଗତ ୨ ତାରିଖରେ ବଡ଼ ବଜାର ଥାନାରେ ନିଖୋଜ ଏତଲା ଦେଇଥିଲେ। ତେବେ ଶନିବାର ସକାଳୁ ନାରାୟଣୀ ରାସ୍ତା କଡ଼ରେ ଏକ ନିକାଞ୍ଚନ ଜାଗାରେ ତାଙ୍କ ମୃତଦେହ ପଡ଼ିଥିବା ଭେଜିପୁଟ ଫାଣ୍ଡି ପୁଲିସ ଖବର ପାଇଥିଲା। ଏଏସଆଇ ଭକ୍ତ ଚରଣ ମୁଖି ଓ କନେଷ୍ଟବଳ ରବୀନ୍ଦ୍ର ଜାଲି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଏକ ବାଇକ ଷ୍ଟାଣ୍ଡ ହୋଇଥିବା ବେଳେ ବାଇକ ପାଖରେ ପାଣି ବୋତଲ ଓ କୀଟନାଶକ ପଡ଼ିଥିଲା ଏବଂ କିଛି ଦୂରରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରବର୍ତ୍ତୀ ସମୟରେ ମୃତ ସୁନୀଲଙ୍କ ବାପା ପ୍ରସନ୍ନ କୁମାର ମହାପାତ୍ର ଓ ପରିବାର ବର୍ଗ ପହଞ୍ଚି ମୃତଦେହକୁ ଚିହ୍ନଟ କରିବା ପରେ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୧୯/୨୦୨୬ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସଆଇ ଭକ୍ତ ଚରଣ ମୁଖି କହିଛନ୍ତି।

# ଯୁବକଙ୍କୁ ହତ୍ୟା ଉଦ୍ୟମ, ୪ ଗିରଫ

ଦିଗପହଣ୍ଡି,୪।୪(ସମିସ)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଗ୍ରାମରେ ଶୁକ୍ରବାର ରାତିରେ ଶ୍ରୀରାମ ନବମୀ ଯାତ୍ରା ଉଦ୍‌ଯାପନ ଶୋଭାଯାତ୍ରା ଚାଲିଥିବା ବେଳେ ଗ୍ରାମର ଦୀପୁନ ପଣ୍ଡା ନାମକ ଯୁବକ ନକଲି ନୋଟ ଫିଙ୍ଗି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ସେଠାରେ ଉପସ୍ଥିତ ଥିବା ଯାତ୍ରା କମିଟି ସଭ୍ୟାବୃନ୍ଦ ଏବଂ ଗ୍ରାମର ସନ୍ତୋଷ ଗୌଡ଼ ଦୀପୁନଙ୍କୁ ବିଶୃଙ୍ଖଳା ନକରିବାକୁ ତାଗିଦ୍ କରିଥିଲେ। ଦୀପୁନ ସେଠାରୁ ଧମକ ଦେଇ ଫେରିଯାଇଥିଲା। କିଛି ସମୟ ପରେ ତାଙ୍କ ୩ ସହଯୋଗୀ ଅଜିତ ସେଠୀ, କୁନା ଓରଫ ହରେଶ ସେଠୀ, ଜିତୁ ପ୍ରଧାନଙ୍କୁ ଧରି ଦୀପୁନ ପୁଣି ଆସି ସନ୍ତୋଷଙ୍କୁ ଗାଳି କରିଥିଲା। ପ୍ରତିବାଦ କରିବାରୁ ଦୀପୁନ ଧରିଥିବା ଏକ ବ୍ଲେଡ୍‌ରେ ସନ୍ତୋଷଙ୍କ ମୁଣ୍ଡ ଓ ମୁହଁକୁ ବାରମ୍ବାର କାଟି ଦେଇଥିଲେ।

ଏହି ସମୟରେ ଦୀପୁନଙ୍କ ସହଯୋଗୀ ଅଜିତ, କୁନା ଓରଫ ହରେଶ ସେଠୀ, ଜିତୁ ପ୍ରଧାନ ସଂଘବଦ୍ଧ ଭାବେ ସନ୍ତୋଷଙ୍କୁ ଆକ୍ରମଣ କରି ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ଶନିବାର ସେ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଆଇଆଇସି କିଶୋର କୁମାର ସାମଲ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ସମସ୍ତ ଅଭିଯୁକ୍ତ ମାନଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ଅଭିଯୁକ୍ତ ଦୀପୁନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ବ୍ଲେଡକୁ ଜବତ କରିଛି।

# କୁକୁଡ଼ାଖଣ୍ଡିରେ ସ୍ଥାପନ ହେବ ଜେଏମ୍‌ଏଫ୍‌ସି କୋର୍ଟ

## ଦୁଇଟି ସ୍ଥାନ ପରିଦର୍ଶନ କଲେ ଜିଲ୍ଲାଜଜ୍



କୁକୁଡ଼ାଖଣ୍ଡି,୪।୪(ସମିସ): କୁକୁଡ଼ାଖଣ୍ଡିରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଶନିବାର ଜିଲ୍ଲା ମାଜିଷ୍ଟ୍ରେଟ ଅଶାନ୍ତ କୁମାର ଦାଶ ଓ ଜିଲ୍ଲା ରେଜିଷ୍ଟ୍ରାର ଏସ୍ ସିଂଙ୍କ ଦ୍ୱାରା ବ୍ଲକ ଅନ୍ତର୍ଗତ ଦୁଇଟି ସ୍ଥାନ ପରିଦର୍ଶନ କରାଯାଇଛି। ପୂର୍ବରୁ କୋର୍ଟ ସ୍ଥାପନ ପାଇଁ ଜାଗା ନିର୍ଦ୍ଧାରଣ ହୋଇଥିଲେ ମଧ୍ୟ, ନୂତନ ଭାବେ ଯୋଗଦେଇଥିବା ଜିଲ୍ଲା ମାଜିଷ୍ଟ୍ରେଟ ପୁନର୍ବାର ସେହି ସ୍ଥାନକୁ ନିରୀକ୍ଷଣ କରିବା ସହ ଆଉ ଗୋଟିଏ ବିକଳ୍ପ ସ୍ଥାନକୁ ମଧ୍ୟ ଦେଖିଥିବା ସୂଚନା ମିଳିଛି। ପୂର୍ବରୁ ଆଙ୍କୁଶପୁର ଠାରେ ନବନିର୍ମିତ ମହିଳା କର୍ମଜୀବୀ ନିବାସ ପାର୍ଶ୍ୱରେ ଥିବା ଜାଗାକୁ କୋର୍ଟ ପାଇଁ ଚୟନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଆଙ୍କୁଶପୁର ଅଞ୍ଚଳ ଗ୍ରେଟର ବ୍ରହ୍ମପୁର ନିଗମ ଅଧୀନରେ ଆସିଯାଇଥିବାରୁ ପ୍ରଶାସନିକ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପଟେ, କୋର୍ଟ ସ୍ଥାପନ ପାଇଁ ପ୍ରାୟ ୩ ଏକର ଜମି ଆବଶ୍ୟକ ହେଉଥିବା ବେଳେ କୁକୁଡ଼ାଖଣ୍ଡି ଅଞ୍ଚଳରେ ଏପରି ଉପଯୁକ୍ତ ଜମି ଉପଲବ୍ଧ ନଥିବାରୁ ନିକଟବର୍ତ୍ତୀ ଆଙ୍କୁଶପୁରକୁ ପ୍ରାଥମିକତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କୁକୁଡ଼ାଖଣ୍ଡିର ଇନ୍ଦିରା ଆବାସ ନିକଟରେ ଗୋଟିଏ ସ୍ଥାନ ଓ ଆଙ୍କୁଶପୁରରେ କର୍ମଜୀବୀ ମହିଳା ବାସଗୃହ ପଛପଟେ ଅନ୍ୟ ଗୋଟିଏ ସ୍ଥାନକୁ ପର୍ଯ୍ୟାୟକ୍ରମେ ଚିହ୍ନଟ କରାଯାଇଛି।

ସୂଚନାଯୋଗ୍ୟ, ୨୦୨୫ରେ ରାଜ୍ୟ ସରକାର ଓ ହାଇକୋର୍ଟ ପକ୍ଷରୁ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ନେଇ ବିଜ୍ଞପ୍ତି ଜାରି ହୋଇଥିଲା। ଏପରିକି, ସ୍ଥାୟୀକୋର୍ଟ ନିର୍ମାଣ ହେବା ପର୍ଯ୍ୟନ୍ତ କୁକୁଡ଼ାଖଣ୍ଡି ତହସିଲ କାର୍ଯ୍ୟାଳୟରେ ନିର୍ମିତ ଅବ୍ୟବହୃତ କ୍ୱାର୍ଟର୍ସ ଗୁଡିକରେ ଅସ୍ଥାୟୀ ଭାବେ କୋର୍ଟ ଚାଲୁ କରିବାକୁ ମଧ୍ୟ ପ୍ରସ୍ତାବ ରହିଥିବା ନେଇ କହିଛନ୍ତି କୁକୁଡାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ। ଅପରପକ୍ଷେ କୁକୁଡ଼ାଖଣ୍ଡିରେ ଖୁବଶୀଘ୍ର ଜେମ୍‌ଏଫ୍‌ସି କୋର୍ଟ ଆରମ୍ଭ ହେବ ବୋଲି କୁକୁଡ଼ାଖଣ୍ଡି ଓକିଲ ସଂଘ ସମ୍ପାଦକ କରୁଣାକର ପାଣିଗ୍ରାହୀ କହିଛନ୍ତି।

# କୃଷି ବନୀକରଣ ତାଲିମ ଶିବିର

ରମ୍ଭା,୪।୪(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲଙ୍ଗା ପଞ୍ଚାୟତର ନିମିଶୂଳା ଓ ରାଣୀବର ଗ୍ରାମ ଅଙ୍ଗନବାଡି କେନ୍ଦ୍ରରେ ଦୁଇ ଦିନିଆ କୃଷି ବନିକରଣ ତାଲିମ ଶିବିର ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷି ବନିକରଣର ବୈଜ୍ଞାନିକ ଡ଼ଃ ମାନସ ରଞ୍ଜନ ନାୟକ, ଡ଼ଃ ଚିନ୍ମୟୀ ମିଶ୍ର(ଓୟୁଏଟି)ର ଭାରପ୍ରାପ୍ତ ଅଧିକାରୀ, କୃଷି ଜେଇ ସରୋଜ କୁମାର ମହାନ୍ତି ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଚାଷୀଙ୍କୁ ଛେଳି ପାଳନ, ପଶୁ ପାଳନ ଓ କୃଷି ବନିକରଣ ଉପରେ ଆଲୋକପାତ କରିଥିଲେ। ତତ ସହିତ ଉପସ୍ଥିତ ୪୦ଜଣ ଚାଷୀ ମାନଙ୍କୁ କୃଷି ଯନ୍ତ୍ରପାତି ଖଦାଳ, କାଠ କାଟିବାକୁ କରତ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହାକୁ ପ୍ରସାର କରାଯାଇ ଚାରା, ନଡ଼ିଆ ଗଛ, କଦଳୀ ଗଛ, ଛତୁ ମଞ୍ଜି ଆନୁସାଙ୍ଗିକ ଦେବା ପାଇଁ ସ୍ଥିର ହୋଇଛି। ଜେ ଭାସ୍କର ପାତ୍ର, ହରିଶ କୁମାର ଓ ଏ ରଘୁପାତ୍ର ସହଯୋଗ କରିଥିଲେ।

# ଦିବ୍ୟ ଦର୍ଶନ ଜ୍ଞାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ରଙ୍ଗେଇଲୁଣ୍ଡା,୪।୪(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ମାର୍କଣ୍ଡି ଶାଖାର ଗାରାମ୍ପାପେଟା ଗ୍ରାମରେ ଦିବ୍ୟ ଦର୍ଶନ ଜ୍ଞାନ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଅର୍ଜୁନ ଦେବଙ୍କ ଆର୍ଶୀବାଦରୁ କେନ୍ଦ୍ରୀୟ କମିଟିର ପୂଜ୍ୟ ସଭାପତି ଓ ସମ୍ପାଦକଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ମହୋତ୍ସବରେ ଦିବ୍ୟ ଦର୍ଶନ ସଂଘର ପୂଜ୍ୟ ସଭାପତି ରବୀନ୍ଦ୍ରନାଥ ମହାନ୍ତି, ସମ୍ପାଦକ କେଶବ ସେଠୀ, ଯୁଗ୍ମ ସମ୍ପାଦକ ପ୍ରଭାକର ପ୍ରଧାନ ଏବଂ ସଦସ୍ୟା ଏନ ନାଗମଣି ଓ ମିନତି ରାଉତ ପୌରହିତ୍ୟ କରିଥିଲେ। ମନୁଷ୍ୟ ଅଜ୍ଞାନରୁ ଦୁଃଖ, ଯନ୍ତ୍ରଣା ଭୋଗ କରୁଛନ୍ତି ତେଣୁ ଆଣଜ୍ଞାନ ଲାଭ କରି ମୋହମାୟା ଦୁନିଆରୁ ନିବୃତ ହେବା ଦରକାର ଏବଂ ସ୍ୱରୂପ ଜ୍ଞାନ ଲାଭ ଦ୍ୱାରା ସମୁଦାୟ ଦୁଃଖରୁ ଉଦ୍ଧାର ହୋଇପାରିବ। ଭଗବାନଙ୍କୁ ଖୋଜିବାକୁ ପଡ଼େ ନାହିଁ, ବୁଝିବାକୁ ପଡ଼େ। ଏଥିପାଇଁ ସତ୍ୟଜ୍ଞାନ ଶିକ୍ଷା ପୂର୍ବକ ଦୈବୀଗୁଣ ଧାରଣ ବିନା ସ୍ୱରୂପପ୍ରାପ୍ତି ହେବ ବୋଲି ଉଦବୋଧନ ଦେଇଥିଲେ।

# ଘରୋଇ ହସ୍‌ପିଟାଲ ପାଇଖାନାରୁ ନବଜାତ ମୃତଦେହ ଜବତ

ବ୍ରହ୍ମପୁର,୪।୪(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜନାନା ହସ୍‌ପିଟାଲର ଏକ ପାଇଖାନାରୁ ଜଣେ ନବଜାତକର ମୃତଦେହ ଜବତ ହୋଇଛି। ଏହି ହସ୍‌ପିଟାଲକୁ ଆସିଥିବା କୌଣସି ମହିଳା ରୋଗୀ ନିଜର ମୃତ ଶିଶୁ ଜନ୍ମ ଦେବା ପରେ ପାଇଖାନାରେ ଛାଡି ଚାଲି ଯାଇଥିବା କୁହାଯାଉଛି। ଗତକାଲି ରାତିରେ ଏହି ହସ୍‌ପିଟାଲର ସଫେଇ କର୍ମଚାରୀ ପାଇଖାନା ସଫା କରୁଥିବା ବେଳେ ନବଜାତ ମୃତଦେହ ଠାବ କରିଥିଲେ। ହସ୍‌ପିଟାଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ହସ୍‌ପିଟାଲରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି କୁହାଯାଉଛି।

# କୋଣାର୍କ ଓ ରାଜ୍ୟରାଣୀ ଏକ୍ସପ୍ରେସ ରହଣି ଦାବି



ଖଲ୍ଲିକୋଟ,୪।୪(ସମିସ): ଖଲ୍ଲିକୋଟ ରେଳଷ୍ଟେସନରେ କୋଣାର୍କ ଏକ୍ସପ୍ରେସ ଓ ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଦାବି କରିଛି ଖଲ୍ଲିକୋଟ ବରିଷ୍ଠ ନାଗରିକ ମଞ୍ଚ। ଶନିବାର ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏହି ଦୁଇଟି ଟ୍ରେନର ରହଣି ଦାବି କରିବା ସହିତ ବହୁ ଦିନରୁ ଏହି ଦାବି କରାଯାଉଥିଲେ ମଧ୍ୟ ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆବଶ୍ୟକ ପଡ଼ିଲେ ଏଥିପାଇଁ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ବହୁ ବରିଷ୍ଠ ନାଗରିକ ମତ ଦେଇଥିଲେ। ଖଲ୍ଲିକୋଟ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡାକ୍ତର ହରପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ପ୍ରମୋଦ କୁମାର ପଟ୍ଟନାୟକ ଗତ ବୈଠକର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ପ୍ରମୋଦ ସିଂ ମଞ୍ଚର ଆୟ ବ୍ୟୟ ବିବରଣୀ ଉପସ୍ଥାପନା କରିଥିଲେ। ବରିଷ୍ଠ ସଦସ୍ୟ ବିପିନ ବିହାରୀ ସାମନ୍ତ, ନଳିନୀକାନ୍ତ ପଣ୍ଡା, ତ୍ରିନାଥ ରାଜ, ବିଜୟ କୁମାର ଆଚାର୍ଯ୍ୟ, ରାମହରୀ ଦାଶ, ବିଜୟ କୁମାର ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରତି ପଞ୍ଚାୟତର ଶହେ ଘର ହେବ ସୌରଶକ୍ତିମୟ

ଛତ୍ରପୁର,୪।୪(ସମିସ): ପାରମ୍ପରିକ ବିଦ୍ୟୁତ ଶକ୍ତି ଉପରେ ନିର୍ଭରଶୀଳତା କମାଇବା ଏବଂ ପରିବେଶ ସୁରକ୍ଷା ଦିଗରେ ଗଞ୍ଜାମ ଜିଲ୍ଲା ଏବେ ବଡ ପଦକ୍ଷେପ ନେବାକୁ ଯାଉଛି। ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡିବାକୁ ଯାଉଛି ମଡେଲ ସୋଲାର ଗାଁ ବା ଆଦର୍ଶ ସୌର ଗ୍ରାମ ଯୋଜନା। କେନ୍ଦ୍ର ସରକାରଙ୍କ ପିଏମ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧିନରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଞ୍ଚାୟତକୁ ନିଆଯାଇ ସେଠାରେ ମଡେଲ ସୋଲାର ଗାଁ ବିକଶିତ କରିବା ପାଇଁ ଅଣ୍ଟା ଭିଡିଛି ଗଞ୍ଜାମ ପ୍ରଶାସନ। ଏହି ଅଭିଯାନ କେବଳ ବିଦ୍ୟୁତ ସମସ୍ୟାର ସମାଧାନ କରିବ ନାହିଁ ବରଂ ଗ୍ରାମାଞ୍ଚଳର ଅର୍ଥନୀତିକୁ ଏକ ନୂଆ ମୋଡ ଦେବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତ୍ତି ଭାସନ କହିଛନ୍ତି। କିଛି ଦିନ ତଳେ ସୌରଶକ୍ତିକୁ ଆପଣାଇଲାଥିଲା ମାଟିଖାଲ ଗାଁ। ଛତ୍ରପୁର ବ୍ଲକ କଣମଣା



ପଞ୍ଚାୟତ ଅଧିନ ମାଟିଖାଲ ଗାଁର ପ୍ରାୟ ୨ଶହ ପରିବାରକୁ ପିଏମ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ରୁଫଟପ୍ ସୋଲାର ସଂଯୋଗ କରାଯାଇଛି। ଯୁଏଲଏ ମଡେଲ ଅଧିନରେ ଏହି ଗାଁ ସୌର ଶକ୍ତି ଦ୍ୱାରା ପରିଚାଳିତ ହେବ। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବସିଡି ରହିଛି। ଆଗାମି ଦିନରେ ଆଇଆରଇଏଲ ନିକଟରେ ଥିବା ଗାଁ ଗୁଡିକ ମଡେଲ ସୋଲାର ଗାଁରେ ପରିଣତ କରାଯିବ। ଚଳିତ ବର୍ଷ ଜିଲାରେ ପ୍ରତି ପଞ୍ଚାୟତର ଶହେ ହିତାଧିକାରୀଙ୍କୁ ଚିହ୍ନଟ କରି ପିଏମ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନାରେ ସାମିଲ କରାଯିବ, ଏନେଇ ସମସ୍ତ ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ ବିଲ୍ ଅଧିକ ପାଇଁ ଗରୀବ ଶ୍ରେଣୀ ଲୋକମାନେ ଯେଉଁ ସମସ୍ୟା ଭୋଗୁଥିଲେ ଏହି ଯୋଜନା ଦ୍ୱାରା ଉକ୍ତ ସମସ୍ୟା ଦୂର ହେବ ବୋଲି ଜିଲ୍ଲାପାଳ କହିଛନ୍ତି।

# ସହିଦ ସଞ୍ଜୟ କୁମାରଙ୍କୁ ଶ୍ରଦ୍ଧାଞ୍ଜଳି



ଭଞ୍ଜନଗର,୪।୪(ସମିସ): ଗତ ୨୦୧୦ ଏପ୍ରିଲ ୪ ତାରିଖରେ କୋରାପୁଟ ଜିଲ୍ଲା ବୈପାରୀଗୁଡାରେ ଡ୍ୟୁଟି କରୁଥିବା ସମୟରେ ନକ୍ସଲ ଗୁଳିରେ ପ୍ରାଣ ହରାଇଥିବା ଭଞ୍ଜନଗର ଥାନା ଅଧିନ ଜିଲୁଣ୍ଡି ଗ୍ରାମର ସହିଦ୍ ଏସଓଜି ଯବାନ ସଞ୍ଜୟ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ, ଭଞ୍ଜନଗର ଥାନାଧିକାରୀ ଜିବନାନନ୍ଦ ଜେନା, ଏସଆଇ ଲକ୍ଷ୍ମୀଧର ମହାନ୍ତି, ହାବିଲଦାର ଦିଲ୍ଲୀପ କୁମାର ରାଉତଙ୍କ ସମେତ ପୁଲିସ ଟିମ୍ ସହୀଦ୍‌ଙ୍କ ଗ୍ରାମରେ ପହଞ୍ଚି ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସହିଦ୍ ସଞ୍ଜୟ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଞ୍ଜୟଙ୍କ ବାସଭବନକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ଭେଟିବା ସହ ସଞ୍ଜୟଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର ଯବାନଙ୍କ ଅମ୍ଳାନ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସହୀଦଙ୍କ ପରିବାରକୁ ପୁଲିସ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁଅ ସଞ୍ଜୟଙ୍କୁ ହରାଇବାର ଦୁଃଖରେ ବାପା ସାଏବ ପ୍ରଧାନଙ୍କ ଆଖିରୁ ଲୁହ ଝରି ପଡୁଥିଲେ ମଧ୍ୟ ପୁଅ ଦେଶ ପାଇଁ ସହୀଦ୍ ହୋଇଥିବାରୁ ସେ ଗର୍ବିତ ବୋଲି ରୁଦ୍ଧ କଣ୍ଠରେ ପ୍ରକାଶ କରିଥିଲେ।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ

ଧରାକୋଟ,୪।୪(ସମିସ): ଧରାକୋଟ ବ୍ଲକ ଶିକ୍ଷା ବିଭାଗ ତରଫରୁ ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁ ବାଟିକାରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଶିକ୍ଷା ସଚେତନ ରଥ ଶୁଭାରମ୍ଭ କରାଯାଇଛି। ବିଆରସିସି ସୌରୀ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଇଓ ରମେଶ ଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମ ଦିନରେ ଶିକ୍ଷା ସଚେତନତା ରଥ ବ୍ଲକର ଧରାକୋଟ, ମୁଣ୍ଡମରାଇ, ସରଧାପୁର ଓ ଢ଼ଉଗାଁ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟକୁ ଯାଇ ସଚେତନ କରିଛି। ଏହି କ୍ଲଷ୍ଟର ଗୁଡିକରେ ସିଆରସିସି ଜଗନ୍ନାଥ ପଡ଼ିଆରି,ପ୍ରମୋଦ ସେଠୀ, କିରଣବାଳା ନାୟକ, ଶର୍ମିଷ୍ଠା ପାତ୍ରଙ୍କ ଉପସ୍ଥିତିରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ରଥକୁ ସ୍ୱାଗତ କରିଥିଲେ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଦିନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଖଡ଼ି ଛୁଆଁ ଓ ବିଦ୍ୟାଳୟ ପ୍ରବେଶ ଉତ୍ସବ ଆରମ୍ଭ ହୋଇଛି। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥକୁ ଉଦଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କର ଯୋଜନାରେ ଆସ ସ୍କୁଲ ଯିବା ଅଭିଜାନକୁ ସଫଳ କରିବା ପାଇଁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଏକ ସଚେତନାତା ସଭା କରିଥିଲେ। ନୂତନ ଛାତ୍ରୀ ଛାତ୍ରଙ୍କୁ ବିଧାୟକ ଖଡ଼ି ଧରାଇ ପାଠ ପଢ଼ାଇଥିଲେ। ତେବେ ୫ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସୁ ନଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟଆସିବା ପାଇଁ ପ୍ରେରଣା ଦିଆଯିବା ପାଇଁ ଆଲୋଚନା କରାଯାଇଥିଲା। ସେଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ବିଆରସିସି ବିଇଓ, ଏବିଇଓ ସିଆରସିସି ଓ ପ୍ରଧାନ ଶିକ୍ଷକ ଏବଂ ଚନ୍ଦ୍ରଶେଖର ପ୍ରଧାନ, ଯଜ୍ଞପ୍ରସାଦ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

**ଆସିକା:** ଶନିବାର ଦିନ ଠାରୁ ଆସିକା ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଚଳିତ ୨୦୨୬-୨୭ ଶିକ୍ଷା ବର୍ଷ ନିମନ୍ତେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ, ଏବିଇଓ ବିଭୁ ନନ୍ଦନ ପଣ୍ଡା, ଏବିଡ଼ିଓ ସୁଶାନ୍ତ ବେହେରା, ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତି, ଶିକ୍ଷକ ସୁଶାନ୍ତ ପଣ୍ଡା, ଏବିଇଓ ଶିବରାମ ବେହେରା, ଭଞ୍ଜ ବେହେରା, ଶିକ୍ଷକ ଶିବ ଶଙ୍କର ଜେନା, ସିଆରସିସି ସିଲା ଦୋରା, ଅର୍ଚ୍ଚନା ବେହେରା, ରାଧା ମୋହନ ଡାକୁଆ, ହରିବନ୍ଧୁ ବେହେରା, ଶିଶିରକାନ୍ତ ବେହେରା, ରଞ୍ଜିତା ବେହେରା, ନାରାୟଣ ସାହୁ, ସୌଦାମିନୀ ହୋତା, ଟୁଲୁ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।


**ବେଲଗୁଣ୍ଠା:** ବେଲଗୁଣ୍ଠା ବ୍ଲକ୍‌ସ୍ତରୀୟ ଶିକ୍ଷା ସଚେତନତା ରଥକୁ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଉଦଘାଟନ କରିବା ପରେ ଏହା ବିଭିନ୍ନ ଗ୍ରାମରେ ପରିକ୍ରମା କରିଛି। ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥଙ୍କ ଆବାହନ କ୍ରମେ ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଖଡ଼ିଛୁଆଁ ଏବଂ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ସଚେତନତା ରଥକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ସମେତ ବେଲଗୁଣ୍ଠାର ସମସ୍ତ ସିଆରସିସି ଉପସ୍ଥିତ ଥିଲେ।

## ଖଡ଼ିଛୁଆଁ ପ୍ରବେଶ ଉତ୍ସବ ଶୁଭାରମ୍ଭ

**କୁକୁଡ଼ାଖଣ୍ଡି,୪।୪(ସମିସ):** କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର 'ଖଡ଼ିଛୁଆଁ ପ୍ରବେଶ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦିଗପହଣ୍ଡି ବିଧାୟକ ଡଃ. ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ନୂତନଭାବେ ସ୍କୁଲକୁ ଆସିଥିବା ଶିଶୁଙ୍କୁ ପୁସ୍ତକ, ବ୍ୟାଗ ଓ ଫୁଲ ପ୍ରଦାନ କରି ସେମାନଙ୍କ ଶିକ୍ଷା ଜୀବନର ଶୁଭାରମ୍ଭ କରାଇଥିଲେ। ଏହା ସହିତ ବିଧାୟକଙ୍କ ଦ୍ୱାରା 'ସଚେତନ ରଥ'ର ଶୁଭାରମ୍ଭ କରାଯାଇଥିଲା। ଲାଞ୍ଜିଆ ପଞ୍ଚାୟତରେ ଦୀର୍ଘଦିନ ଧରି ଚାଲିଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ ଦାବିକୁ ବିଧାୟକ ମଞ୍ଜୁର କରିଥିବାରୁ ସ୍ଥାନୀ୍ର ଲୋକଙ୍କ ମଧ୍ୟରେ ଖୁସ ଦେଖାଦେଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା କୁମାରୀ ମହାରଣା, ବିଇଓ ସନ୍ତୋଷ ମହାପାତ୍ର, ଏବିଇଓ ବସନ୍ତ ସେଠୀ, ସମିତି ସଭ୍ୟ ତଥା ଆମ୍ବଗଡ ସେବା ସମବାୟ ସମିତି ସଭାପତି କାହ୍ନୁ ଚରଣ ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ, ଦାମୋଦର ପୂଜାରୀ, କୁକୁଡ଼ାଖଣ୍ଡି ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ରଙ୍କ ସମେତ ବହୁ ଅଭିବାଭକଙ୍କ ସହ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ।



# ଗଛଲତାରେ ଭର୍ତ୍ତି ହେଲାଣି ଋଷିକୁଲ୍ୟା ନଦୀ ମୁଖ୍ୟରାସ୍ତା



ଗଞ୍ଜାମ,୪।୪(ସମିସ): ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଠାରୁ ପୋତାଗଡ ଓ ପୋତାଗଡ଼ ଠାରୁ ପାଳିବନ୍ଧ ପଞ୍ଚାୟତର କୁଣ୍ଡାପୁଟ ଗ୍ରାମ ପର୍ଯ୍ୟନ୍ତ କିଛି ବର୍ଷହେଲା ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଦେଇ ସ୍ଥାନୀୟ ମତ୍ସ୍ୟଜୀବୀ ଠିକଣା ସ୍ଥାନରେ ନିଜର ଜାଲ ନେଇ ପହଞ୍ଚି ମାଛ ମାରି ପୁଣି ନିଜ ଗୃହ ଅଭିମୁଖେ ଫେରି ଆସୁଥିଲେ। ଅନ୍ୟପଟେ ପୋତାଗଡ଼କୁ ଆସୁଥିବା ପର୍ଯ୍ୟଟକ ମାନେ ଉକ୍ତ ରାସ୍ତାଦେଇ ଯିବାଆସିବା କରିବା ସହ ପ୍ରାକୃତିକ ପରିବେଶ ଉପଭୋଗ କରୁଥିଲେ। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳବାସୀ ସକାଳେ ସଞ୍ଜରେ ବୁଲିପାରୁଥିଲେ। ହେଲେ ଦୀର୍ଘ ଦିନହେଲା ଉକ୍ତ ରାସ୍ତା ଗଛଲତାରେ ପରିପୂର୍ଣ୍ଣ ହୋଇପଡ଼ି ବିଷଧର ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଯାହା ଅଞ୍ଚଳବାସୀଙ୍କ ପାଇଁ ସମସ୍ୟାର କାରଣ ପାଲଟିଛି। ତେଣୁ ତୁରନ୍ତ ଏଦିଗରେ ଜିଲ୍ଲା ପ୍ରଶାସନ ଓ ବିଭାଗିୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

### ଓଡ଼ିଆରେ ନାମଫଳକ

# ଖିଲାପୀ ବ୍ୟବସାୟୀଙ୍କୁ ଜରିମାନା; ବାବୁଙ୍କୁ କେବେ

ପାରଳାଖେମୁଣ୍ଡି,୪।୪(ସମିସ):

ଓଡ଼ିଆ ପକ୍ଷ ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ପାଳନ କରାଯାଉଛି। ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ସାମ୍ନାରେ ଓଡ଼ିଆରେ ନାମଫଳକ ବାଧ୍ୟତାମୂଳକ କରାଯାଇଛି। ଉଲ୍ଲଂଘନ କଲେ ମୋଟା ଅଙ୍କର ଜରିମାନା ଗଣିବେ ବ୍ୟବସାୟୀ। ଏନେଇ ଦୋକାନୀ ଓ ବ୍ୟବସାୟୀଙ୍କୁ ସଚେତନ କରିବାକୁ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ହେଲେ ସରକାରୀ କାର୍ଯ୍ୟାଳୟ ସ୍ତରରେ ଏହି ସଚେତନତା କେବେ ହେବ ଆଉ ଏଥିରେ ଖିଲାପ କରୁଥିବା ଅଧିକାରୀଙ୍କୁ କି ପ୍ରକାରର ଜରିମାନା ଆଦାୟ କରାଯିବ ତାହାକୁ ନେଇ କୌଣସି ମାର୍ଗଦର୍ଶିକା ସରକାର ଜାରି କରିନାହାନ୍ତି। ଓଡ଼ିଶା ଗଠନର ଏନ୍ତୁଡିଶାଳ କୁହାଯାଉଥିବା ପାରଳା ତଥା ଗଜପତି ମାଟିରେ ଓଡ଼ିଆ ବିପଦରେ ପଡିଛି। ବିଶେଷ କରି ପାରଳାଖେମୁଣ୍ଡି ସହର ଜିଲ୍ଲା ସଦରମହକୁମା ହୋଇଥିଲେ ହେଁ ଏଠାରେ ଓଡ଼ିଆ ଭାଷା ଲେଖା ବିପଦରେ ରହିଛି। ଜନପ୍ରତିନିଧି ହୁଅନ୍ତୁ କି ଜିଲ୍ଲା ପ୍ରଶାସନ କିମ୍ବା ଜିଲ୍ଲା ମୁଖିଆଙ୍କ ଗାଡି ହେଉ ସବୁଠି ଇଂଲିଶ ଛାପ ଦେଖିବାକୁ ମିଳୁଛି। ପାରଳାଖେମୁଣ୍ଡି ସହରରେ ଅନେକ ବେସରକାରୀ ସଂସ୍ଥା କିମ୍ବା ଦୋକାନ, ହୋଟେଲ ଆଦି ସ୍ଥାନରେ କେବଳ ଇଂରାଜୀ ଭାଷାରେ ଲିଖିତ ନାମ ଫଳକ ଝୁଲୁଥିବା ଦେଖିବାକୁ ମିଳୁଛି। ସରକାରୀ ନିୟମ ମୁତାବକ ନାମ ଫଳକର ୬୦ ପ୍ରତିଶତ ସ୍ଥାନରେ ଓଡ଼ିଆ ଭାଷା ଲେଖାହେବା ଦରକାର। ମାତ୍ର ଅନେକ ଦୋକାନୀ, ବ୍ୟବସାୟୀ ଏହାକୁ ଅଣଦେଖା କରୁଥିବା ପରିଲକ୍ଷିତ ହୋଇଛି। ତଥାପି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଓଡ଼ିଆରେ ନାମ ଫଳକ ଲେଖିବା ନେଇ ମାର୍ଗଦର୍ଶିକା ଜାରି କରିବା ସହ ୨୦୨୫ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକାରୀ ନକଲେ ଜରିମାନା କରାଯିବାକୁ ନିର୍ଦ୍ଦେଶ ଜାରି କରିଥିଲା। ତେବେ ଜିଲ୍ଲା ସଦର ମହକୁମାରେ ଏହାକୁ କେତେ କାର୍ଯ୍ୟକାରୀ ହୋଇଛି ତାହାକୁ ନେଇ ବିଭିନ୍ନ ମହଲରେ ନାନାଦି ଆଲୋଚନା ହେଉଛି। ସରକାରୀସ୍ତରରେ ବା ପ୍ରଶାସନ ତରଫରୁ ହେଉଥିବା ବୈଠକରେ ଇଂରାଜୀ ବ୍ୟାନର ରହିଥିବା ଅନେକ ଦୃଷ୍ଟାନ୍ତ ରହିଛି। ସେହିପରି ପ୍ରଶାସନ ଅଧିକାରୀଙ୍କ ଗାଡି ଠାରୁ ଆରମ୍ଭ କରି କେତେକ କାର୍ଯ୍ୟାଳୟରେ ଇଂରାଜୀ ବେଶି ଓଡ଼ିଆ କମ୍ ଲେଖାହୋଇଥିବାର ମଧ୍ୟ ଦେଖାଯାଉଛି। ଏପରିସ୍ଥଳେ ସରକାରୀ ନିୟମକୁ କାର୍ଯ୍ୟକାରୀ କରିବା ପାଇଁ ରହିଥିବା ପ୍ରଶାସନ ନିଜେ ଇଂରାରଜୀ ଭାଷାର ବହୁଳ ବ୍ୟବହାର କରୁଥିବା ବେଳେ ସେମାନଙ୍କ ବିରୋଧରେ ଜରିନାମା ଆଦାୟ କରାଯିବା କିମ୍ବା କି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।




## ପାଣି ଟ୍ୟାଙ୍କର ଟ୍ରାକ୍ଟର ଓଲଟି ହେଲ୍‌ପର ମୃତ; ଚାଳକ ଗୁରୁତର

ଗୋଷାଣି/ରାୟଗଡ,୪।୪(ସମିସ): ଗଜପତି ଜିଲ୍ଲା ଗାରାବନ୍ଧ ଥାନାର ରାୟଗଡ ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗିରିରେ ଏକ ପାଣି ଟ୍ୟାଙ୍କର ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଚାଳକ ଜଣକ ଗୁରୁତର ହୋଇଛନ୍ତି।

ସୂଚନା ପ୍ରକାରେ, ମହେନ୍ଦ୍ରଗିରିରେ ଥିବା ବନବିଭାଗର ପର୍ଯ୍ୟଟକଙ୍କ ରହଣୀସ୍ଥଳ ତଥା କଟେଜ୍‌କୁ ପାଣି ଯୋଗାଇବାକୁ ନିୟୋଜିତ ଏକ ଟ୍ରାକ୍ଟର ଟ୍ୟାଙ୍କ ଯୋଗେ ପାଣି ନେଇଯାଉଥିଲା। ହେଲେ କୌଣସି କାରଣରୁ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଚାଳକ ମାଡବା ଗ୍ରାମର ରବୀନ୍ଦ୍ର ଧାଙ୍ଗଡା ଭୂୟାଁ (୨୦) ଗୁରୁତର ହୋଇଥିବା ବେଳେ ଟ୍ରାକ୍ଟର ଇଞ୍ଜିନ ତଥା ଟ୍ରାକ୍ଟର ଚାଳକଙ୍କ ପାଖରେ ବସିଥିବା ତେରଣି ଗ୍ରାମର ସନ୍ୟାସୀ ଭୂୟାଁ (୧୯)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଟ୍ରାକ୍ଟର ଚାଳକ ରବୀନ୍ଦ୍ରଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ମୃତ ସନ୍ୟାସୀ ହେଲ୍‌ପର ଭାବେ କାମ କରୁଥିବା ବେଳେ ଚାଳକ ରବୀନ୍ଦ୍ରଙ୍କ ବେପରୁଆ ଟ୍ରାକ୍ଟର ଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟିଥିବାର ସନ୍ୟାସୀଙ୍କ ପରିବାର ଲୋକେ ଗାରାବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୪।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି (ପୌର) ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍. ଗିରିଧର, ୱାର୍ଡ କାଉନସିଲର ବାଳକୃଷ୍ଣ ପାତ୍ର ଓ ବିଭୂତି ଭୂଷଣ ବେହେରା, ସାଂସଦ ପ୍ରତିନିଧି ଦାରାପୁ ଚିଟ୍ଟି ଏବଂ ଡାଇଟ୍‌ର ଅଧ୍ୟକ୍ଷ ଡାକ୍ତର ମୁର୍ମୁ ମଞ୍ଚାସୀନ ଥିଲେ। ବକ୍ତାମାନେ ଶିକ୍ଷାନୀତି ୨୦୨୦ର ବିଶେଷତ୍ୱକୁ ଆଧାର କରି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖା ଗୁରୁତ୍ୱ ଦେବା ସହ ସମସ୍ତ ୫ରୁ ୧୮ ବର୍ଷ ବାଳକ ବାଳିକାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ନେବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ଅତିଥି ମାନେ ଅକ୍ଷର ଲେଖିବା ଶିଖାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ୩ ପ୍ରଚାର ଗାଡିକୁ ମୁଖ୍ୟଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତ ରଥ ଜିଲ୍ଲାର ଗୋଷାଣି, କାଶୀନଗର ଓ ଗୁମ୍ମା ବ୍ଲକାଞ୍ଚଳକୁ ଯାଇ ସଚେତନ କରାଇବ। ସେହିପରି ଜିଲ୍ଲାର ସମସ୍ତ ୭ ବ୍ଲକରେ ଆଜି ଏହି ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।



## ଯୁବ ସ୍ୱେଚ୍ଛାସେବୀଙ୍କ ବନ୍ଧୁମିଳନ

ଗଞ୍ଜାମ,୪।୪(ସମିସ): ଗଞ୍ଜାମ ସହର ୧୬ନଂ ଜାତୀୟ ରାଜପଥ ପାଖରେ ଥିବା ମା'ଏଲେମା ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ସହରାଞ୍ଚଳ ଯୁବ ସ୍ୱେଚ୍ଛାସେବୀ ମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ସଂଗଠକ ଦୀପକ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ ଯୁବ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇଥିଲେ। ରାକେଶ ରଞ୍ଜନ ଦାସ, ବିଜୟ ବେହେରା, ମନୋଜ ପ୍ରଧାନ, ଗୋ ରକ୍ଷକ କେ ଇଲେୟା ରେଡ୍ଡି, ପ୍ରତୀକ ରାଉଳ, ସାମାଜିକ କର୍ମୀ କାଶୀନାଥ ମହାକୁଡ, ବିଶ୍ୱନାଥ ଗୌଡ଼, ଯୁବ ପ୍ରତିଭା ବିଭୁତି ପଲାଇ, ଦୀନବନ୍ଧୁ ଦାସ, କିରଣ ପଲାଇ, ବିଭୁ ପଲାଇ, ସୋହନ ପଟ୍ଟନାୟକଙ୍କ ସମେତ ଶତାଧିକ ଯୁବ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ଗୋପୀନାଥ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା

ଧରାକୋଟ,୪।୪(ସମିସ): ଧରାକୋଟ ବ୍ଲକର ବଳରାମପୁର ଗ୍ରାମରେ ନୂତନ ଭାବରେ ନିର୍ମିତ ଗୋପୀନାଥ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦୀର୍ଘ ଏକ ସପ୍ତାହ ଧରି ଅନୁଷ୍ଠିତ ହୋଇଯାଇଛି। ଗତ ଶନିବାର ଦିନ ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ ପରେ ରବିବାର ଦିନ ଜଳଯାତ୍ରା, ମଣ୍ଡଳ କରଣ ସୋମବାର ଦିନ କର୍ମ ଆରମ୍ଭ କରି ସୂର୍ଯ୍ୟ ପୂଜା, ଶାଳା ସଂସ୍କାର, ଅଗ୍ନି ସ୍ଥାପନା, ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ବ୍ରାହ୍ମଣ ସେବା, ଗୋ ପୂଜା, ବନଜାଗ, ରତ୍ନମୁଦ ପରେ ଗୁରୁବାର ଦିନ ସଟକର୍ମ, ଜୀବନ୍ୟାସ, ପ୍ରାଣ ପ୍ରତିଷ୍ଠା ପରେ ଶୁକ୍ରବାର ନଗର ପରିକ୍ରମା, ଶିଳା ସ୍ଥାପନ, ଧ୍ୱଜା ପରିକ୍ରମା ପରେ ଦେବତାଙ୍କ ସିଂହାସନ ଆରୋହଣ ପରେ ପୂର୍ଣ୍ଣାହୂତି ହୋଇଥିଲା। ଦୀର୍ଘ ସାତ ଦିନ ଧରି ଚାଲିଥିବା ଏହି ପ୍ରତିଷ୍ଠା ଉତ୍ସବରେ ଅଞ୍ଚଳର ହଜାର ହଜାର ଲୋକ ସାମିଲ ହୋଇଥିଲେ।

## ରସାୟନ ବିଜ୍ଞାନ ବିଭାଗର ପାଠଚକ୍ର

ବେଲଗୁଣ୍ଠା,୪।୪(ସମିସ): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ କ୍ଷତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଅନୁଷ୍ଠାନ ଅଧ୍ୟକ୍ଷ ଡ. ଗିରିଧର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ଡ. ଇ.ରବିନାରାୟଣ ପାତ୍ର ଏବଂ ଅଧ୍ୟାପକ ଡ.ସଂଜୀବ କୁମାର ଦାଶ ମଞ୍ଚାସୀନ ଥିଲେ। ପାଠଚକ୍ର ସନ୍ଦର୍ଭ ଏଭର ୱାଟର୍ ହାର୍ଭେଷ୍ଟିଙ୍ଗ୍ ୟୁଜିଙ୍ଗ୍ ଏମ୍.ଓ.ଏଫ୍ ଶୀର୍ଷକକୁ ଶେଷ ବାର୍ଷିକ ଛାତ୍ର ଅଂଶୁମାନ ମିଶ୍ର ପାଠ କରିଥିଲେ। ପାଠଚକ୍ର ସମ୍ପାଦିକା ଗାୟତ୍ରୀ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାଜକିଶୋର ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ତପନ ତ୍ରିପାଠୀଙ୍କ ସମେତ ରସାୟନ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ସରକାରୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



ବ୍ରହ୍ମପୁର,୪।୪(ସମିସ): ଚଳିତ ଶିକ୍ଷା ବର୍ଷ ପାଇଁ ବଡ଼ ଗୁମୁଲା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରି ଶିଶୁ ବାଟିକାରେ ନାମ ଲେଖାଇଥିଲେ। ସେହିପରି ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୬ନମ୍ବର ୱାଡର୍ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ କର୍ପୋରେଟର ସ୍ୱତରେଖା ତ୍ରିପାଠୀ ଯୋଗଦେଇ ନୂତନ କରି ନାମଲେଖାଇଥିବା ଛାତ୍ରଛାତ୍ରିଙ୍କ ଖଡ଼ି ଛୁଆଁ ଥିଲେ। ଏ ଅବସରରେ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ କମିଟି ସଦସ୍ୟଙ୍କ ଉପସ୍ଥିତ ଥିଲେ।



## ଶ୍ରାନିକେତା ସ୍କୁଲରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ଦାରିଙ୍ଗବାଡି,୪।୪(ସମିସ): ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ଶ୍ରାନିକେତାର ସରକାରୀ ଚନ୍ଦ୍ର ସାହୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ ପ୍ରବେଶ ଉତ୍ସବ ପାଳନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ଶିଶୁବାଟିକା ଶିକ୍ଷାର୍ଥୀଙ୍କୁ ତିଳକ, ଚନ୍ଦନ ଓ ଫୁଲ ଦେଇ ସ୍ୱାଗତ ସହିତ ଖଡ଼ିଛୁଆଁ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଅନନ୍ତ ପ୍ରଧାନ, ସହକାରୀ ଶିକ୍ଷକ ସଂଗ୍ରାମ କୁମାର ନାୟକ ସମେତ ଅଜୟ କୁମାର ନାୟକ, ସୁନିତ୍ କୁମାର ନାୟକ ,ରାଜଶ୍ରୀ ପ୍ରଧାନ,ମଞ୍ଜୁଲତା ନାୟକ ଓ ଅଙ୍ଗନୱାଡି କର୍ମୀ ବିଜୟଲକ୍ଷ୍ମୀ ପତ୍ରା ଯୋଗ ଦେଇଥିଲେ।

## ଶିକ୍ଷା ରଥର ଶୁଭାରମ୍ଭ



ଟିକାବାଲି,୪।୪(ସମିସ): ସାରା ରାଜ୍ୟରେ ଆଜିଠାରୁ ନୂତନ ଶିକ୍ଷାବର୍ଷ ପାଇଁ ସ୍କୁଲ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ବେଶ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଟିକାବାଲି ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଏକ ଭବ୍ୟ ଶିକ୍ଷା ରଥ ଉଦଘାଟିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ସହ ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ। ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରୁ ବାହାରିଥିବା ଶିକ୍ଷା ରଥ ବ୍ଲକର ସମସ୍ତ ୧୧ ପଞ୍ଚାୟତ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ଶିକ୍ଷା ରଥ ପରିକ୍ରମା ସମୟରେ କଟିମାହା ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଭାବପୂର୍ଣ୍ଣ ପରିବେଶ ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଭଞ୍ଜନ ଦିଗାଳଙ୍କ ନେତୃତ୍ୱରେ ନବାଗତ ଛାତ୍ରଛାତ୍ରୀ ଓ ପୁରାତନ ଶିକ୍ଷାର୍ଥୀ ରଥକୁ ଅପେକ୍ଷା କରି ରହିଥିଲେ। ରଥ ପହଞ୍ଚିବା ପରେ ସେଠାରେ ରଥକୁ ଭବ୍ୟ ସ୍ୱାଗତ କରିଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର



ଜି.ଉଦୟଗିରି,୪।୪(ସମିସ): ଦେଶରେ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆଜି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆରମ୍ଭ ହୋଇଛି। ଏଥିରେ ସାମିଲ କର୍ମଚାରୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ହବାକ ଉଚ୍ଚ ବିଦ୍ୟାଳୟରେ ତହସିଲଦାର ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ତହସିଲଦାର ଦେବାଶିଷ ଜେନାଙ୍କ ସହଯୋଗରେ ତିନି ଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଏନଏସିର ୧୩ ୱାର୍ଡ ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯାଉଛି। ସଂଗ୍ରାମ କେଶରୀ ପଣ୍ଡା ଓ ନିରଞ୍ଜନ ମହାରଣା ତାଲିମ ପ୍ରଦାନ କରୁଛନ୍ତି।

## ଶିକ୍ଷା ସଚେତନତା ରଥ ପରିକ୍ରମା ଶୁଭାରମ୍ଭ



ଦିଗପହଣ୍ଡି,୪।୪(ସମିସ): ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଶିକ୍ଷା ସଚେତନତା ରଥକୁ ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ଉଦଘାଟନ କରିଛନ୍ତି। ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମସ୍ଥିତ ନୋଡାଲ ହାଇସ୍କୁଲ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ପ୍ରଧାନ , ସହଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ , ରସାନନ୍ଦ ଘଡେଇ , ବିଶ୍ରବା ପାଇକ , ନାଏବ ସରପଞ୍ଚ ପ୍ରତିନିଧି ବିଦେଶୀ ଗୌଡ , ଭାଜପା ମଣ୍ଡଳ ସଭାପତି ମିଟୁ ଦୋରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସିନ ଥିଲେ। ୧୩ ଜଣ ଛାତ୍ରଛାତ୍ରୀଙ୍କ ଶିଶୁବାଟିକାରେ ନାମ ଲେଖାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନାୟକ, ଗୋଷ୍ଠୀ ସାଧନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଙ୍କ ସମେତ ସମସ୍ତ ସିଆରସିସି ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅର୍ଜୁନ ହସ କ୍ଲବର ସାଧାରଣ ପରିଷଦ ବୈଠକ



ବ୍ରହ୍ମପୁର,୪।୪(ସମିସ): ବିଜିପୁର ସ୍ଥିତ ସନ୍ତୋଷୀ ମା' କଲ୍ୟାଣ ମଣ୍ଡପରେ ଅର୍ଜୁନ ହସ କ୍ଲବର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସିମାଞ୍ଚଳ ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତକ୍ଷରେ ଅନୁଷ୍ଠିତ ବୈଠକରେ କ୍ଲବର ଉପସଭାପତି ସ୍ୱର୍ଗତ ନାରସୁ ଜେନାଙ୍କ ଅକାଳ ବିୟୋଗରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଡା. ସମରେନ୍ଦ୍ର କୁମାର ସାହୁ ଗତ ବୈଠକର ବିବରଣୀ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ବସନ୍ତ କୁମାର ପାତ୍ର ବାର୍ଷିକ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ମାସରେ ହେବାକୁ ଥିବା ବିଶ୍ୱ ହସ ଦିବସ ପାଳନକୁ ନେଇ ଆଲୋଚନା ହୋଇଥିଲା। ଶେଷରେ ସୁବ୍ରତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରାଧାକୃଷ୍ଣ ପରିଚ୍ଛା, ସହ ସମ୍ପାଦକ ନିରଞ୍ଜନ ମହାରଣା, ବାଞ୍ଛାନିଧି ବେହେରା, କାର୍ଯ୍ୟକାରିଣୀ ଓ ସାଧାରଣ ସଦସ୍ୟ ଅଶୋକ କୁମାର ପାଢ଼ୀ, ରାଧା କୃଷ୍ଣ ମହାରଣା, ରାଜେନ୍ଦ୍ର ପୂଜାରୀ ଓ ଭିକ୍ଷାଚାର୍ଯ୍ୟ ଚୌଧୁରୀ ଉପସ୍ଥିତ ଥିଲେ।

# ପୁରୀ-ରାଇଘର ଭଲଭୋ ବସ୍ ଚଳାଚଳ ବାଟବଣା

### ଲୋକଙ୍କ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉନି ବିଭାଗ

ଜି.ଉଦୟଗିରି,୪।୪(ସମିସ):

ଛଅ ମାସ ହେଲା ବାଟବଣା ହୋଇ ବୁଲୁଛି ପୁରୀ-ରାଇଘର ସରକାରୀ ଭଲଭୋ ବସ୍। ରାଇଘରରୁ ପୁରୀ ଭାୟା ଜି.ଉଦୟଗିରି, କଳିଙ୍ଗା, ଭଞ୍ଜନଗର ଦେଇ ଯିବା ବଦଳରେ ଫୁଲବାଣୀ, ଦଶପଲ୍ଲା ଦେଇ ଯାଉଛି। କଳିଙ୍ଗା ଘାଟି ଭୂସ୍ଖଳନ ପରେ ଏହି ରୁଟ ବଦଳିଥିବା ବେଳେ ଆଜି ପର୍ଯ୍ୟନ୍ତ ସେମିତି ବାଟବଣା ହୋଇ ଯାତାୟାତ କରିଛି। ଛଅ ମାସ ହେଲେ ଏହି ସ୍ଥାୟୀ ରୁଟ ଗାଡି ଚଳାଚଳ ପାଇଁ ଲୋକେ ଦାବି କରିବା ସହିତ ବିଭିନ୍ନ ମାଧ୍ୟମରେ ଦାବି କରି ଆସୁଛନ୍ତି। ଲୋକେ ମୁଖ୍ୟମନ୍ତ୍ରୀଙ୍କ ସହିତ, ବିଭାଗୀୟ ମନ୍ତ୍ରୀ, ଭିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହିତ ଆନ୍ଦୋଳନକୁ ଓହ୍ଲାଇବାକୁ ସଜ ହେଉଛନ୍ତି। ତଥାପି ବିଭାଗର ନିଦ ଭାଙ୍ଗୁନି। ଲୋକଙ୍କ ଆବଶ୍ୟକତା ଏବଂ ଭାବନାକୁ ବିଭାଗ ସମ୍ମାନ ଦେଉ ନ ଥିବା ବେଳେ ଲୋକଙ୍କ ଆସ୍ଥା ବିଶ୍ୱାସ ତୁଟିବାରେ ଲାଗିଛି।

ଜଗନ୍ନାଥ ଦର୍ଶନ ସହଜ ଏବଂ ଆରମଦାୟକ କରିବାକୁ ପ୍ରତି ଜିଲ୍ଲାରୁ ସରକାର ଜଗନ୍ନାଥ ଏକ୍ସପ୍ରେସ ଭଲଭୋ ବସ୍ ଚଳାଚଳ କରୁଥିବା ବେଳେ ଜି.ଉଦୟଗିରି ଦେଇ ଯାଉଥିବା ପୁରୀ ରାଇଘର ଏକ ମାତ୍ର ଭଲଭୋ ବସ୍ ଉପରେ ରାଇକିଆ, ଜି.ଉଦୟଗିରି, କଳିଙ୍ଗା ଏବଂ ଭଞ୍ଜନଗର ଲୋକେ ନିର୍ଭର କରୁଥିଲେ। ଏହି ରାସ୍ତାରେ ଅନ୍ୟ କୌଣସି ଜଗନ୍ନାଥ ଏକ୍ସପ୍ରେସ ଯାଉନଥିବା ବେଳେ, ଫୁଲବାଣୀ ଦଶପଲ୍ଲା ଦେଇ ଅନେକ ଜଗନ୍ନାଥ ଏକ୍ସପ୍ରେସ ଯାଉଛି। ପରିବହନ ବିଭାଗ ଛଅ ମାସ ହେଲା ଚଳାଚଳ କରିବାକୁ ଆଶ୍ୱସନା ଦେଇ ଦେଇ ଲୋକଙ୍କୁ ନାକେଦମ କରୁଥିବା ଅଭିଯୋଗ ହେଉଛି। ଏଥିନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।



# ପାରଳାରେ ଓଡ଼ିଆରେ ନାମଫଳକ ଅଭିଯାନ

ପାରଳାଖେମୁଣ୍ଡି, ୪।୪(ସମିସ): ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଓଡ଼ିଆରେ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସଚେତନତା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଜିଲ୍ଲାରେ ଓଡିଆ ଭାଷାର ନାମ ଫଳକ ଲିପିବଦ୍ଧ ନିମନ୍ତେ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବା। ନିଜ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ନାମଫଳକ ଓଡ଼ିଆରେ ଲେଖି ଓଡ଼ିଆ ଭାଷାକୁ ସମ୍ମାନ ଦେବା ପାଇଁ ପଦଯାତ୍ରା କରାଯାଇଛି।



ଏହି ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶା ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନ ଆଇନ୍ ଅନୁଯାୟୀ ଓଡ଼ିଆ ଭାଷାରେ ନାମ ଫଳକ ଲେଖା ସମ୍ବନ୍ଧରେ ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ମହାରାଜା ପ୍ୟାଲେସ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ସହରର ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଓ ବସରେ ନାମ ଫଳକକୁ ଓଡ଼ିଆ ଭାଷାରେ ଲିପିବଦ୍ଧ କରିବା ନିମନ୍ତେ ଅନୁରୋଧ କରାଯାଇଛି।

ଏହି ଶୋଭାଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଅତିରିକ୍ତ ଶ୍ରମ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ଦେବୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶ୍ରମିକ କର୍ମଚାରୀ ସାମିଲ ହୋଇ ସଚେତନତା କରାଇଥିଲେ।

## ଅପରେସନକୁ ପୂରିଲାଣି ୮ ବର୍ଷ

# ଏବେ ବି ଡାକ୍ତରଖାନାରେ ଜଗା

ଫୁଲବାଣୀ, ୪।୪(ସମିସ)

ବହୁ ଚର୍ଚ୍ଚିତ ଯୋଡ଼ାମୁଣ୍ଡ ଶିଶୁ ଜଗାର ମୁଣ୍ଡ ଅପରେସନକୁ ପୂରିଲାଣି ୮ ବର୍ଷ। ତଥାପି ଡାକ୍ତରଖାନାରେ ରହୁଛି ଜଗା। ଅପେକ୍ଷା ରହିଛି ଆଉ ଏକ ଚୂଡ଼ାନ୍ତ ଅସ୍ତ୍ରୋପଚାର ପାଇଁ। ଦିଲ୍ଲୀ ଏମ୍ସରେ ହେବ ଏହି ଅପରେସନ। ଡାକ୍ତରଙ୍କ ଡାକରାକୁ ଅପେକ୍ଷା କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗର ସ୍ୱତନ୍ତ୍ର କ୍ୟାବିନରେ ଦିନ କାଟୁଛି ଜଗା।

ସୂଚନାଯୋଗ୍ୟ, ୨୦୧୫ ମସିହାରେ ଜନ୍ମିତ ଫିରିଙ୍ଗିଆ ବ୍ଲକ ମିଲୁପଡ଼ା ଗ୍ରାମର ଭୂୟାଁ କହଁର ଓ ପୁଷ୍ପାଞ୍ଜଳି କହଁରଙ୍କ ଜମଜ ସନ୍ତାନ ଜଗା ଓ ବଳିଆଙ୍କ ମୁଣ୍ଡ ଜନ୍ମରୁ ଲାଗି ରହିଥିଲା। ୨୦୧୭ ମସିହାରେ ଦିଲ୍ଲୀ ଏମ୍ସରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ମୁଣ୍ଡ ଅଲଗା କରାଯାଇଥିଲା। ଏଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ



ଦେଇଥିଲେ। ୨୦୧୯ରେ ଦିଲ୍ଲୀରୁ ଫେରି ସେମାନେ କଟକ ଏସସିବି ମେଡିକାଲରେ ରହିଥିଲେ। ସେଠାରେ ବଳିଆର ମୃତ୍ୟୁ ହୋଇଥିଲା। ଏହାପରେ ଜଗାକୁ ଫୁଲବାଣୀ ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ଜଗା ଏଠାରେ ଅଛି। ପ୍ରଥମ ଅପରେସନକୁ ୧୦ ବର୍ଷ ପୂରିଲେ ଦ୍ୱିତୀୟ ଅପରେସନ କରାଯାଇ କୃତ୍ରିମ ଖପୁରୀ ପ୍ରତିରୋପଣ କରାଯିବ ବୋଲି ଡାକ୍ତର କହିଥିବା ପ୍ରକାଶ କରିଛନ୍ତି ଜଗାର ବାପା ଭୂୟାଁ। କିଛି ଦିନ ତଳେ ଏମ୍ସର ଏକ ଡାକ୍ତରୀ ଦଳ ଆସି ଜଗାର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ତେବେ ସମସ୍ୟା ହେଲା ଜଗା ପାଠ ପଢ଼ିବାକୁ ଚାହୁଁଥିଲେ ବି କୌଣସି ବ୍ୟବସ୍ଥା ହୋଇ ପାରୁନାହିଁ। ବୟସ ହେଲାଣି ୧୧, ଅଥଚ ଜଗାର ଶିକ୍ଷା ଅଙ୍ଗନବାଡ଼ିରେ ସୀମିତ ରହିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି ବାପା, ମା। ଏମ୍ସ ତରଫରୁ ଜଗାର ମୁଣ୍ଡକୁ ସୁରକ୍ଷା ଦେବାକୁ ଯୋଗାଇ ଦିଆ ଯାଇଥିବା ହେଲମେଟ ଇତି ମଧ୍ୟରେ ଭାଙ୍ଗି ଯାଇଛି। ଏଥିନେଇ ଚିନ୍ତିତ ହୋଇ ପଡ଼ିଛନ୍ତି ତାଙ୍କ ମା'। ଏକ ନୂତନ ହେଲମେଟ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

## ୬୦ ୟୁନିଟ ରକ୍ତ ସଂଗୃହୀତ

ପାରଳାଖେମୁଣ୍ଡି, ୪।୪(ସମିସ): ଗୁଡ୍ ଫ୍ରାଇଡେ ଓ ଇଷ୍ଟର ସଣ୍ଡେ ଅବସରରେ ପାରଳାଖେମୁଣ୍ଡି ସ୍ଥିତ ସେଣ୍ଟ ଜୋସେଫ କ୍ୟାଥୋଲିକ ଚର୍ଚ୍ଚ ପରିସରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଶାନ୍ତନୁ ପାଢ଼ୀ, ଡା. ଅନୃପ୍ତି ଓ ସାରା ଚକ୍ଷୁ ଚିକିତ୍ସାଳୟର



ନିର୍ଦ୍ଦେଶକ ତଥା ଚକ୍ଷୁ ବିଶେଷଜ୍ଞ ଡା.ପ୍ରଦୀପ କୁମାର ସ୍ୱାଇଁ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବାର ବ୍ଲଡ ବ୍ୟାଙ୍କ୍ ସୂତ୍ରରୁ ପ୍ରକାଶ। ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀପାଢ଼ୀ ଉପସ୍ଥିତ ରହି କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ବ୍ଲଡ ବ୍ୟାଙ୍କର କର୍ମଚାରୀ ରକ୍ତ ସଂଗୃହୀତ କରିଥିଲେ। ଏଥିରେ ପାରଳାଖେମୁଣ୍ଡି କ୍ୟାଥଲିକ ମୁଖ୍ୟଯାଜକ ଅଜିତ କୁମାର ନାୟକ, ସମାଜସେବୀ ଲାଜର ଲିମା, ସୀତାରାମ ସହଯୋଗ କରିଥିଲେ।

## କର୍ତ୍ତବ୍ୟରେ ଅବହେଳା; ବୁଥସ୍ତରୀୟ ଅଧିକାରୀ ନିଲମ୍ବିତ

ପାରଳାଖେମୁଣ୍ଡି, ୪।୪(ସମିସ): ଗଜପତି ଜିଲ୍ଲା ୧୩୭-ପାରଳାଖେମୁଣ୍ଡି ବିଧାନସଭାର କାଶୀନଗର ବ୍ଲକ ଅନ୍ତର୍ଗତ ଭୋଟଗ୍ରହଣ କେନ୍ଦ୍ରର ବୁଥସ୍ତରୀୟ ଅଧିକାରୀ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ କର୍ତ୍ତବ୍ୟରେ ଅବହେଳା ଓ ଆଦେଶ ଅବମାନନା କରିଥିବା ଅଭିଯୋଗରେ ନିଲମ୍ବିତ କରିଥିବା ଜଣାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୨୩୯/ଇଲେକ୍ସନ ପ୍ରକାରେ ଭୋଟଗ୍ରହଣ କେନ୍ଦ୍ର ନଂ.୧୧୦-ସିଧାମଡାଙ୍ଗାର ବୁଥ୍ ସ୍ତରୀୟ ଅଧିକାରୀ ତଥା ସହକାରୀ ଶିକ୍ଷକ ରାମାନୁଜ ଦାସ ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୧ର ବ୍ୟବସ୍ଥା ଅନୁଯାୟୀ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଯାଇଛି। ନିଲମ୍ବନ ଆଦେଶ ପତ୍ରରେ ଦର୍ଶାଯାଇଛି ଯେ, ଶ୍ରୀ ଦାସ କୌଣସି ବୈଧ କାରଣ ନଦର୍ଶାଇ କର୍ତ୍ତବ୍ୟ ନ କରିବା, ସଠିକ୍ ଭାବରେ ନ୍ୟସ୍ତ ଦାୟିତ୍ୱକୁ ନିର୍ବାହ କରିବାରେ ବିଫଳ ହୋଇଛନ୍ତି। ନିଲମ୍ବନ ସମୟ ମଧ୍ୟରେ ସେ ସକ୍ଷମ ଅଧିକାରୀଙ୍କ ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡିବେ ନାହିଁ ଏବଂ ନିୟମ ଅନୁଯାୟୀ ଗ୍ରହଣୀୟ ଭାବରେ ଜୀବନଯାପନ ଭତ୍ତା ପାଇବାର ହକଦାର ହେବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲ।

## ଜମିରେ କୀଟନାଶକ ସିଞ୍ଚନ କାଳ ହେଲା, କୃଷି ଶ୍ରମିକଙ୍କ ମୃତ୍ୟୁ

ଗୋଷାଣି, ୪।୪(ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ତାଟିପାଟି ଗ୍ରାମର ଜଣେ କୃଷିଶ୍ରମିକ ଜମିରେ କୀଟନାଶକ ସିଞ୍ଚନ ବେଳେ ଗୁରୁତର ହୋଇପଡ଼ିଥିବାବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ତାମଡ଼ା ଲକ୍ଷ୍ମୀନାରାୟଣ (୫୬)। ସେ ଗତକାଲି ଜମିରେ କୀଟନାଶକ ଔଷଧ ସିଞ୍ଚନ କର ଘରକୁ ଫେରି ଶୋଇ ପଡ଼ିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ନ ଉଠିବାରୁ ପରିବାର ଲୋକେ ଡାକିଥିଲେ। ମାତ୍ର ନଉଠିବାରୁ ତୁରନ୍ତ ତାଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଆଜି ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ତଦନ୍ତ ଜାରି ରହିଥିବାର ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତ ଏସ୍ଆଇ ଅମ୍ବିକା ବେଣିଆ ତଦନ୍ତ କରୁଛନ୍ତି। ତାମଡା ଲକ୍ଷ୍ମୀନାରାୟଣ ଜଣେ ନିହାତି ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ପରିବାରରେ ଦିବ୍ୟାଙ୍ଗ ପୁଅ ଓ ସ୍ତ୍ରୀ ରହିଛନ୍ତି। ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ବେସାହାରା ହୋଇଯାଇଛନ୍ତି ପରିବାରବର୍ଗ। ସରକାରୀ ସହାୟତା ପ୍ରଦାନ କରାଗଲେ ତାଙ୍କ ପରିବାରବର୍ଗ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।

## ଫୁଲବାଣୀରେ ଓଡ଼ିଆ ନାମ ଫଳକ ଲେଖା ଅଭିଯାନ ସଚେତନତା

ଫିରିଙ୍ଗିଆ/ଫୁଲବାଣୀ, ୪।୪(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ପାଳିତ ହେଉଥିବା ଓଡ଼ିଆ ପକ୍ଷ ଅବସରରେ ଆଜି କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆୟୋଜିତ ପଦଯାତ୍ରାକୁ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଏବଂ ଜିଲ୍ଲାପାଳ ବେଦଭୂଷଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ଅଧିନିୟମ ଅନୁଯାୟୀ ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲଗାଇବା



ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଫୁଲବାଣୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁର, ବିଭିନ୍ନ ବିଭାଗୀୟ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ମାଦିକୁନ୍ଦା ଛକ ପର୍ଯ୍ୟନ୍ତ ଯାଇଥିଲା।

## କଳିଙ୍ଗା ବିଏଡ୍ କଲେଜର ବାର୍ଷିକ ଉତ୍ସବ




ଜି.ଉଦୟଗିରି, ୪।୪(ସମିସ): କଳିଙ୍ଗା ସରକାରୀ ବିଏଡ୍ ଟ୍ରେନିଂ କଲେଜର ବାର୍ଷିକ ଉତ୍ସବ ବାସନ୍ତିକା ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଜିଲ୍ଲା ଏସ୍ଏସ୍ପି ରାମେନ୍ଦ୍ର ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ନିୟମିତ ପରିଶ୍ରମ ଓ ନୀତିଶୀଳତାର ମାର୍ଗରେ ଆଗେଇବା ପାଇ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼.ପ୍ରଶାନ୍ତ କୁମାର ରାଉତ ଓ ସମ୍ମାନିତ ଅତିଥି ଭାବେ ବିଡିଓ ସତ୍ୟ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡ଼.ଦୀପକ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସହକାରୀ ପ୍ରଫେସର ବିକ୍ରମ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ଛାତ୍ର ସଂସଦ ପରାମର୍ଶଦାତା ସୁବ୍ରତ କୁମାର ପାଢ଼ୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଛାତ୍ର ସଂସଦ ଅଧ୍ୟକ୍ଷ ବିକାଶ ବଳିଆରସିଂହ, ଉପାଧ୍ୟକ୍ଷ ଦୀପାଳି ମେହେର, ସାଧାରଣ ସମ୍ପାଦକ ସୋନାଲି ବେହେରା ଓ ସହ ସମ୍ପାଦକ ଓମଓ୍ୱରୂପ ତ୍ରିପାଠୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ର ସଂସଦର ପ୍ଲାନିଂ ଫୋରମ୍ ଦ୍ୱାରା ଆୟୋଜିତ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ପ୍ରଫେସର ବିଚିତ୍ର କୁମାର ବେହେରାଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ର ନାଟକ 'ଭାଗ୍ୟ ଖେଳୁଛି ଖେଳ' ପରିବେଷଣ କରାଯାଇଥିଲା।

## କପୁଡ଼ଙ୍ଗିରେ ଭାଗବତ ମଠ ଯାତ୍ରା

ଫିରିଙ୍ଗିଆ, ୪।୪(ସମିସ): ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ ପାହିରେଜୁ ପଞ୍ଚାୟତର କପୁଡଙ୍ଗିରେ ରାମ ନବମୀ ଠାରୁ ସାତ ଦିନ ଧରି ଭାଗବତ ମଠ ଯାତ୍ରା ପାଳିତ ହେଉଛି। ମଠ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର କହଁରଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ମଠ ଯାତ୍ରା ୩୬ ବର୍ଷରୁ ଉର୍ଦ୍ଧ୍ୱ ହେବ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ୭ ଦିନ ଧରି ଅନୁଷ୍ଠିତ ଯାତ୍ରାରେ ପ୍ରତିଦିନ ଭାଗବତ ଗୀତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବର୍ଷ ତମାମ ସଂକ୍ରାନ୍ତି, ତ୍ରିନାଥ ମେଳା, ଏକାଦଶୀ, ପଞ୍ଚୁକ ବ୍ରତ ସହ ଭାଗବତ ପାଠ ସତସଙ୍ଗ କରାଯାଉଛି। ପାହିରେଜୁ ପଞ୍ଚାୟତର ୧୩ ୱାର୍ଡବାସୀଙ୍କ ସହ ଫିରିଙ୍ଗିଆ ବ୍ଲକ ଏବଂ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ



ଭକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ୯ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଦିନ କଳସୀ ଯାତ୍ରା ହୋଇଥିବା ବେଳେ ଦୈନିକ ଖୋଳ କୀର୍ତ୍ତନ ସହ ଭାବମୟ ଓ ଆଧ୍ୟାତ୍ମିକ ପରିବେଶରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପରିଚାଳନା କମିଟି ସମ୍ପାଦକ ଲୁପେ କହଁର, ପାହିରେଜୁ ସରପଞ୍ଚ କେଶବ କହଁର, ସୁଶୀଳ ସାହାଣୀ, ରାଜେନ୍ଦ୍ର କହଁର, ଡମ୍ବରୁଧର କହଁର, କେକଣା କହଁର, ବିଜୟ କହଁର, ଟୁମା କହଁର, ବାସନ୍ତୀ କହଁର ଓ ରଞ୍ଜନ୍ତି କହଁରଙ୍କ ସହ ପଞ୍ଚାୟତବାସୀ ସହଯୋଗ କରିଥିବା ବେଳେ ପରିଚାଳନା କମିଟିର ଦେବରାଜ କହଁର ଏବଂ ସୁଶୀଳ ସାହାଣୀ ପରିଚାଳନା ସହ ତଦାରଖ କରିଥିଲେ।

## ● ନୂତନ ବିଦ୍ୟାଳୟ କୋଠା ଉଦ୍‌ଘାଟିତ

## ନିଜ ପଢ଼ା ବେଳର କଥା କହିଲେ ଉପଜିଲ୍ଲାପାଳ



ତୁମୁଡିବନ୍ଧ, ୪।୪(ସମିସ): ତୁମୁଡିବନ୍ଧସ୍ଥିତ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଭାବେ ନିର୍ମିତ ହୋଇଥିବା କୋଠାକୁ ବାଲିଗୁଡା ଉପଜିଲାପାଳ ପ୍ରାଣୀତା ଦାସ ଶନିବାର ଉଦ୍‌ଘାଟନ କରିଛନ୍ତି। ଛାତ୍ରୀଛାତ୍ର ମୁଖ୍ୟ ଦ୍ୱାର ଠାରୁ ନୂତନ କୋଠା ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେହି ଗୃହରେ ଏକ ସଭା ହୋଇଥିଲା। ଉପ ଜିଲାପାଳଙ୍କୁ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସୁନୀଲ କୁମାର ପାତ୍ର ସ୍ୱାଗତ କରିଥିଲେ। ଅଧ୍ୟାପିକା ମଞ୍ଜୁଳା ମହାପାତ୍ର ସଭା ପରିଚାଳନା କରିଥିଲେ। ଏହିଅବସରରେ ଉପଜିଲାପାଳ ଛାତ୍ରୀଛାତ୍ରଙ୍କୁ ନିଜ ଛାତ୍ରୀ ଜୀବନ ବିଷୟରେ କହିବା ସହିତ ପାଠ ପଢ଼ିବା ଉପରେ ଧ୍ୟାନ ଦିଅ କୌଣସି ପ୍ରସଙ୍ଗକୁ ଭଲ ଭାବରେ ବୁଝିବା ପାଇଁ ଚେଷ୍ଟା କରି ମୁଖସ୍ତ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବ। ମା, ମାଟି ଓ ସଂସ୍କୃତିକୁ ପରମ୍ପରାକୁ କେବେ ହେଲେ ଭୁଲିଯିବ ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପିକା ପଦ୍ମାବତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମାଧ୍ୟମିକ ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ




ଫୁଲବାଣୀ, ୪।୪(ସମିସ): କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଚଳିତ ଶିକ୍ଷା ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଏବଂ ଶିକ୍ଷାର ମୂଳଦୁଆକୁ ମଜବୁତ କରିବା ଉଦ୍ଦେଶ୍ୟରେ ଏହି ସାରସ୍ୱତ ସମାରୋହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତଅତିଥି ଭାବେ ଜିଲ୍ଲାପାଳ ବେଦଭୂଷଣ, ମୁଖ୍ୟଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀ ଏବଂ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟରେ ପ୍ରଥମ କରି ପାଦ ଥାପିଥିବା କୁନି କୁନି ଶିଶୁଙ୍କୁ ଅତିଥିମାନେ ସ୍ୱାଗତ କରିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ଅତିଥି ଶିଶୁମାନଙ୍କ ହାତ ଧରି ସେମାନଙ୍କର ବିଦ୍ୟା ଆରମ୍ଭ ବା ଖଡ଼ିଛୁଆଁ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାରୀ ଦିଗାଲ, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରକୁ ରଙ୍ଗବେରଙ୍ଗର ବେଲୁନ ଓ ଫୁଲରେ ସଜାଯାଇଥିଲା।

# ପୁଲିସ୍ କବ୍‌ଜାରେ ଡକାୟତ ଗ୍ୟାଙ୍ଗ

ବାଲିଗୁଡ଼ା, ୪।୪(ସମିସ)

କୋଟଗଡ଼ ପୁଲିସ୍ ଏକ ଡକାୟତ ଗ୍ୟାଙ୍ଗ ଧରିବା ସହ ସୁନା ଅଳଙ୍କାର, ଟଙ୍କା ଓ ବାଇକ ଜବତ କରିଛି। ଗତ ମାସ ୨୩ ତାରିଖ ଦିନ ଦ୍ୱିପହରରେ କବାଟ ଭାଙ୍ଗି ଘରୁ ଡକାୟତ କରୁଥିବା ନେଇ ଥନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ନେଇ ବାଲିଗୁଡ଼ା ଏସଡିପିଓଙ୍କ ନିର୍ଦ୍ଦେଶ ପ୍ରକାରେ କୋଟଗଡ଼ ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଜୋରଦାର କରି ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ଅଞ୍ଚଳରୁ ଚୋରି ସାମଗ୍ରୀ ଜବତ୍ କରିବା ସହ ୪ ଡକାୟତକୁ ଗିରଫ କରିଥିଲା। ୪ ଡକାୟତଙ୍କ ମଧ୍ୟରେ ଜଣେ ନାବାଳକ ଥିବା ସୂଚନା ମିଳିଛି। ଗିରଫ ୩ ଡକାୟତ ହେଲେ ପ୍ରତାପ ଜାନି(୨୧),




ଚୈତ ଜାନି (୧୮) ଓ ମିଲୁ ଜାନି (୨୩)। ଏହି ଡକାୟତ ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଡକାୟତଙ୍କ ଠାରୁ ୪ ଗ୍ରାମର ଏକ ହଳ ସୁନା କାନଫୁଲ, ୯ ରୂପା ମୁଦି, ଗୋଟିଏ ବ୍ରେସଲେଟ, ୨ ରୂପା ଚେନ, ୨ ବାଇକ, ୩ ମୋବାଇଲ ଓ ନଗଦ ୨୫ ୭୨୦ ଟଙ୍କା ଜବତ କରାଯାଇଛି। ଏସମ୍ପର୍କରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀ ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସଡିପିଓ ଶୁଭମ୍ ଭୋସଲେ। ଡକାୟତମାନେ କୋଟଗଡ଼ ଥାନା ଅନ୍ତର୍ଗତ ବଣ୍ଡାପିପିଲି ପଞ୍ଚାୟତର ରେଟୋବାଲି ଗାଁରେ ପବିତ୍ର ନାୟକଙ୍କ ଘରୁ କବାଟ ଭାଙ୍ଗି ଡକାୟତି କରିଥିବା ସୂଚନା ମିଳିଛି। ସେମାନଙ୍କ ନାମରେ ପୂର୍ବରୁ ବହୁ ମାମଲା ଥିବା ବାଲିଗୁଡ଼ା ଏସଡିପିଓ କହିଛନ୍ତି। ସେମାନେ ସମସ୍ତେ ଫେରିବାଲା। ଅଞ୍ଚଳରେ ବ୍ୟବହାର ସାମଗ୍ରୀ ବିକିବା

**ସୁନା, ଟଙ୍କା ସହ ବାଇକ୍ ଜବତ**

ନାଁରେ ତଥ୍ୟ ସଂଗ୍ରହ କରି ରାତି ଅଧିଆ ଏଭଳି ଡକାୟତ କରୁଥିବା ଅନୁମାନ କରାଯାଉଛି। ତତ୍ସହିତ ଏଇ ଘଟଣାରେ ଆଉ କେଉଁ କେଉଁ ବ୍ୟକ୍ତି ବିଶେଷ ସାମିଲ ଅଛନ୍ତି ସେ ନେଇ ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ

## ବିକଶିତ ଓଡ଼ିଶା ସଚେତନ ରଥ ଶୁଭାରମ୍ଭ

ତୁମୁଡିବନ୍ଧ, ୪।୪(ସମିସ): ତୁମୁଡିବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ବା ଖଡ଼ିଛୁଆଁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ସାହୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି, ସାମ୍ମାନୀତ ଅତିଥି ଭାବେ ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ତୁମୁଡିବନ୍ଧ ଅତିରିକ୍ତ ତହସିଲଦାର ବୁଟୁମ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ୍ୱର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନେତ୍ର ମାନସେଠ, ତୁମୁଡିବନ୍ଧ ସରପଞ୍ଚ ପ୍ରିୟଙ୍କା ପଡରା, ଏବିଓ ନିଳେନ୍ଦ୍ର ଦିଗାଲ ଯୋଗ ଦେଇଥିଲେ। ସୃଷ୍ଟିଧର ସାମଲ, ଡମ୍ବରୁଧର ସାହୁ, ଶିକ୍ଷୟିତ୍ରୀ ରଶ୍ମୀ ରାଣୀ ନାୟକ, ବିଦ୍ୟାଳୟ ପରିଚାଳନା



କମିଟି ନୂତନ ସଭାପତି ଶିବ ଶଙ୍କର ଜେନା, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଚନ୍ଦ୍ର ପରାସେଠ ଓ ପୂର୍ବତନ ମଣ୍ଡଳ ଯୁବ ଉପସଭାପତି ଶଙ୍କର ବଡ଼ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଛୋଟ ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ କରି ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ପାଳନ କରାଯିବା ସହ ଖଡ଼ି ଛୁଆଁ ଯାଇଥିଲା। ଏହା ପରେ ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ ଓଡ଼ିଶା ଶିକ୍ଷା ସଚେତନ ରଥକୁ ମୁଖ୍ୟ ଓ ସାମ୍ମାନୀତ ଅତିଥିପତାକା ହଲାଇ ଶୁଭାରମ୍ଭ କରିଥିଲେ।

